ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 06-02-2024

ଗଜପତି(ଓଡିଶା) - :2024-02-06 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2024-02-07 | 2024-02-08 | 2024-02-09 | 2024-02-10 | 2024-02-11 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 34.0 | 34.0 | 33.4 | 32.0 | 32.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 18.0 | 18.0 | 17.0 | 17.0 | 17.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 73 | 85 | 95 | 96 | 60 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 25 | 21 | 28 | 30 | 27 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 6 | 5 | 5 | 5 | 5 |
| ପବନର ଦିଗ (ଡିଗ୍ରୀ) | 210 | 236 | 135 | 135 | 115 |
| ମେଘାଚ୍ଛନ (ଅକ୍ଟା) | 0 | 0 | 1 | 1 | 2 |

## ପାଣିପାଗ ସାରାଂଶ/ସତର୍କ:

ଭାରତ ପାଣିପାଗ ବିଭାଗ ରୁ ମିଳିଥିବା ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାରେ ଶନିବାର ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବା ସହିତ ଆକାଶ ସ୍ୱଚ୍ଛ ରୁ ମୁଖ୍ୟତଃ ସ୍ୱଚ୍ଛ ରହିବାର ସମ୍ଭାବନା ରହିଛି । ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୦୫.୦ ରୁ ୦୬.୦ କିଲୋମିଟର ପ୍ରତି ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି । ଦୈନିକ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୨.୦° ସେଲସିୟସ ରୁ ୩୪.୦° ସେଲସିୟସ ଏବଂ ୧୭.୦° ସେଲସିୟସ ରୁ ୧୮.୦° ସେଲସିୟସ ମଧ୍ୟରେ ରହିବାର ସମ୍ଭାବନା ରହିଛି । ସକାଳେ ଏବଂ ଅପରାହ୍ନରେ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୬୦ ରୁ ୯୬ ଶତକଡା ଏବଂ ୨୧ ରୁ ୩୦ ଶତକଡା ମଧ୍ୟରେ ରହିପାରେ ।

## ସାଧାରଣ ଉପଦେଶ:

ଗଜପତି ଜିଲ୍ଲାରେ ଗତ ସପ୍ତାହରେ ହାରାହାରି ସର୍ବାଧିକ ଦୈନିକ ତାପମାତ୍ରା ୩୨.୯° ସେଲସିୟସ ଏବଂ ହାରାହାରି ସର୍ବନିମ୍ନ ଦୈନିକ ତାପମାତ୍ରା ୧୬.୯° ସେଲସିୟସ ଥିଲା । ଗତ ସପ୍ତାହରେ ଜିଲ୍ଲାରେ ୦.୦ ମିଲିମିଟର ବର୍ଷା ହୋଇଅଛି । କାଣ୍ଡବିନ୍ଧା ପୋକର ଦମନ ପାଇଁ ଧାନ ଚାରା କୁ ୦.୨% କ୍ଲୋରପାଇରିଫସ ଦ୍ୱାରା ୧୦-୧୨ ଘଣ୍ଟା ବିଶୋଧନ କରନ୍ତୁ । ବିଳମ୍ବରେ ରୋପଣ କରାଯାଇଥିବା ଧାନ କ୍ଷେତରେ ପାଣି ବାନ୍ଧନ୍ତୁ । ଡାଲୁଅ ଧାନ ଓ ପନିପରିବା ରେ ଜଳସେଚନ ମାଟିର ବତର କୁ ଅନୁଧ୍ୟାନ କରି ଯୋଜନା କରନ୍ତୁ । ଫସଲରେ ଅନ୍ତଃଚାଷ, ସାର ପ୍ରୟୋଗ, ଔଷଧ ସିଞ୍ଚନ ଆବଶ୍ୟକତା ଅନୁଯାୟୀ କରନ୍ତୁ । ପାକଳ ଫସଲ ଅମଳ କରନ୍ତୁ ଓ ଅମଳ ହୋଇଥିବା ଫସଲକୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ ।

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| ମହୁମାଛି ମାନଙ୍କର ଚଳ ପ୍ରଚଳରେ ବାଧା ନ ଦେବା ପାଇଁ ଅପରାହ୍ନ ସମୟରେ କୀଟନାଶକକୁ ପ୍ରୟୋଗ କରନ୍ତୁ । ସର୍ବଦା ଘାସମରା ଔଷଧକୁ ସଫା ପାଣିରେ ମିଶାଇ ଫ୍ଲାଟ ଫ୍ୟାନ କିମ୍ବା ଫ୍ଲଡ ଜେଟ ନୋଜଲ ଥିବା ସ୍ପ୍ରେୟରରେ ସିଂଚନ କରନ୍ତୁ । |

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ଯେଉଁ ଚାଷୀ ଭାଇ ଓ ଭଉଣୀ ମାନେ ଧାନ ତଳି ରୋଇବାକୁ ଯାଉଛନ୍ତି, ମୂଳସାର ହିସାବରେ ଶେଷ କାଦୁଅ କରିବା ସମୟରେ ଏକର ପ୍ରତି ୩୫ କିଲୋଗ୍ରାମ ଡିଏପି, ୩୦ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ଏବଂ ୮ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ । ଜମିରେ ଜିଙ୍କ ଅଣୁସାର ଅଭାବ ଦେଖାଯାଉଥିଲେ ପ୍ରତି ୩ ବର୍ଷରେ ଏକର ପ୍ରତି ୧୦ କିଲୋଗ୍ରାମ ଜିଙ୍କ ସଲଫେଟ ୨୧ ଶତକଡା ଅଣୁସାର କୁ ଶେଷ କାଦୁଅ କରିବା ସମୟରେ ପ୍ରୟୋଗ କରନ୍ତୁ । ୨୦ ରୁ ୨୫ ଦିନ ର ତଳି କୁ ଧାଡିରେ ୨୦ ସେମି ଏବଂ ଗଛ କୁ ଗଛ ୧୫ ସେମି ବ୍ୟବଧାନ ରେ ରଖି ବୁଦା ପ୍ରତି ୨-୩ ଟି ତଳି ଲଗାନ୍ତୁ । |
| ବାଦାମ | ବର୍ତ୍ତମାନ ସମୟରେ ଚିନାବାଦାମ ଫସଲରେ ଟୀକା ରୋଗ ଲାଗିବାର ସମ୍ଭାବନା ରହିଛି । ଏହି ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ Chlorothalonil ନାମକ ଫିମ୍ପିନାଶକ କିମ୍ବା ୬୦୦ ଗ୍ରାମ Mancozeb ନାମକ ଫିମ୍ପିନାଶକ କିମ୍ବା ୩୦୦ ମିଲି Hexaconazole ନାମକ ଫିମ୍ପିନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଫୁଲକୋବି | ବର୍ତ୍ତମାନ ସମୟରେ ମେଘୁଆ ଓ ଘନ କୁହୁଡି ପାଗ ଯୋଗୁଁ କୋବି ଜାତୀୟ ଫସଲରେ ଅଲ୍ଟରନାରିଆ ପତ୍ରଦାଗ ରୋଗ ଦେଖା ଦେବାର ସମ୍ଭାବନା ରହିଛି । ଏହି ରୋଗର ପରିଚାଳନା ନିମନ୍ତେ ଏକର ପ୍ରତି ୬୦୦ ଗ୍ରାମ Mancozeb ନାମକ ଫିମ୍ପିନାଶକ କିମ୍ବା ୪୦୦ ଗ୍ରାମ carbendazim ଓ Mancozeb ର ମିଳିତ ଫିମ୍ପିନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ପିଆଜ | ପିଆଜ ଫସଲରେ ବାଦାମି ବ୍ଲଚ ଏବଂ ପତ୍ରପୋଡା ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦ ଗ୍ରାମ Mancozeb ନାମକ ଫିମ୍ପିନାଶକ କିମ୍ବା ୨୦୦ ମିଲି Difenoconazole ନାମକ ଫିମ୍ପିନାଶକ କିମ୍ବା ୧୦୦ ମିଲି Tebuconazole ନାମକ ଫିମ୍ପିନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ୧୫ ଦିନ ଅନ୍ତରରେ ସିଞ୍ଚନ କରନ୍ତୁ । ପିଆଜ ଗଛର ପତ୍ର ଅଧିକ ଚିକ୍କଣ ହୋଇଥିବାରୁ ଔଷଧ ସିଞ୍ଚନ କଲାପରେ ତଳ କୁ ଖସି ଆସେ, ତେଣୁ କୀଟନାଶକ ସହ ଏକର ପ୍ରତି ୨୦୦ ମିଲି ଷ୍ଟିକର କିମ୍ବା ସ୍ପ୍ରେଡର ମିଶାଇ ସିଞ୍ଚନ କରନ୍ତୁ । |
| ଆମ୍ବ | ବର୍ତ୍ତମାନ ସମୟରେ ମେଘୁଆ ଓ ଘନ କୁହୁଡି ପାଗ ଯୋଗୁଁ ଆମ୍ବ ଗଛରେ ଆମ୍ବ ଡାହାଣୀ ପୋକ ଲାଗିବାର ସମ୍ଭାବନା ରହିଛି । ଆମ୍ବ ଡାହାଣୀ ପୋକର ପରିଚାଳନା ପାଇଁ ଆମ୍ବ ଗଛରେ ବଉଳ ଆରମ୍ଭ ହେବା ସମୟରେ ପ୍ରତି ୧୫ ଲିଟର ପାଣିରେ ୫ ମିଲି Imidacloprid ନାମକ କୀଟନାଶକ କିମ୍ବା ୩ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୪ ଗ୍ରାମ Acetamiprid ନାମକ କୀଟନାଶକ କୁ ମିଶାଇ ସିଞ୍ଚନ କରନ୍ତୁ । କୀଟନାଶକ କୁ ବଉଳ ଆସିବା ପୂର୍ବରୁ ଠାରେ ଏବଂ ଦୁଇ ସପ୍ତାହ ପରେ ଆଉଥରେ ସିଞ୍ଚନ କରନ୍ତୁ । ଏହା ଛଡା ଆମ୍ବ ବଗିଚା ର ଝଡା ପତ୍ର ସବୁ ସଂଗ୍ରହ କରି କୁହୁଡିଆ ବା ମେଘୁଆ ପାଗରେ ଆମ୍ବ ଗଛ ମୂଳରେ ଧୂଆଁ ଦେଲେ ଆମ୍ବ ଡାହାଣୀ ସଂଖ୍ୟା ଗଛରେ କମିଯାଏ । |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | ଆସନ୍ତା ଦିନ ମାନଙ୍କରେ ଶୀତ ଲହରୀ ର ପୂର୍ବାନୁମାନ କରାଯାଇଛି, ଏଥି ପାଇଁ ଗୁହାଳ ରେ ପବନ ଚଳଚଳ ପାଇଁ ଖାଲି ଥିବା ସ୍ଥାନ ମାନଙ୍କୁ ରାତି ରେ ବନ୍ଦ କରି ଦିଅନ୍ତୁ । ପଶୁମାନଙ୍କୁ ପର୍ଯ୍ୟାପ୍ତ ପରିଷ୍କାର ପାନୀୟ ଜଳ ଦିଅନ୍ତୁ । ଗୋରୁମାନଙ୍କୁ ଓଦା କିମ୍ବା ପାଣିରେ ଭିଜିଯାଇଥିବା ନଡ଼ା ଖାଇବାକୁ ଦିଅନ୍ତୁ ନାହିଁ । ଖାଇବାକୁ ଦେବା ପୂର୍ବରୁ ଏହାକୁ ଖରରେ ଶୁଖାନ୍ତୁ । ପଶୁମାନଙ୍କର ଗୁହାଳ ଏବଂ ଏହାର ଚଟାଣ ଅଧିକ ସମୟ ପର୍ଯ୍ୟନ୍ତ ଓଦା ଏବଂ ଥଣ୍ଡା ରହିବା ଉଚିତ୍ ନୁହେଁ । ଏହା ଯୋଗୁଁ ପଶୁମାନେ ବିଶେଷ କରି ସାନ ବାଛୁରୀମାନେ ନିମୋନିଆ, ଜ୍ୱର, କୋକ୍ସିଡିଓସିସ୍, ଡାଇରିଆ ରୋଗରେ ଆକ୍ରାନ୍ତ ହୋଇପାରନ୍ତି ଏବଂ ଏପରିକି ଗୁରୁତର ଅବସ୍ଥାରେ ମୃତ୍ୟୁ ମଧ୍ୟ ହୋଇପାରେ । ଶୀତଦିନେ ଭଲ ବାୟୁ ଚଳପ୍ରଚଳ ନିଶ୍ଚିତ ହେବା ଆବଶ୍ୟକ । ପାଦ ଏବଂ ପାଟି ରୋଗ ବିରୁଦ୍ଧରେ ରକ୍ଷା ପାଇଁ ୩ ମାସରୁ ଅଧିକ ବାଛୁରୀକୁ ଟୀକାକରଣ କରନ୍ତୁ । |

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଛେଳି | PPR ରୋଗ ଶୀତଦିନେ 'ଛେଳି ମହାମାରୀ' ଭାବରେ ମଧ୍ୟ ଜଣାଶୁଣା \| ଏହି ଭାଇରାଲ୍ ରୋଗ ଯାହା ଛେଳି ଏବଂ ମେଣ୍ଢାକୁ ପ୍ରଭାବିତ କରେ ଯାହା ହଠାତ୍ ଜ୍ୱର, ନିମୋନିଆ ଏବଂ କାଶ ସୃଷ୍ଟି କରେ \| ପ୍ରଭାବିତ ପଶୁମାନେ ଅସ୍ଥିର ଦେଖାଯାନ୍ତି, ଏକ ଅଳିଆ କୋଟ୍, ଶୁଖିଲା ମୁହଁ ଏବଂ ଭୋକିଲା ଦେଖାଯାନ୍ତି \| ଗର୍ଭବତୀ ପ୍ରାଣୀ ଗର୍ଭପାତ କରିପାରନ୍ତି \| ପଶୁମାନଙ୍କୁ ଟୀକାକରଣ କରନ୍ତୁ \| |

### ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କମନ କାର୍ପ | ବର୍ତ୍ତମାନ ଅତ୍ୟଧିକ ଶୀତ ଯୋଗୁଁ "EUS" (Epizootic ulcerative syndrome) ହେବାର ସମ୍ଭାବନା ଅଛି । ଏହାର କୌଣସି ପ୍ରଭାବଶାଳୀ ଚିକିତ୍ସା ନାହିଁ । ସଂକ୍ରମିତ ମାଛ ପୋଖରୀରେ ସଂକ୍ରମଣ କମ୍ କରିବା ପାଇଁ ପୋଖରୀ ଜଳର ଅଦଳ ବଦଳ କୁ ବନ୍ଦ କରାଯିବା ଉଚିତ ଏବଂ ଚୂନ କିମ୍ବା ହାଇଡ୍ରେଟେଡ୍ ଚୂନ କିମ୍ବା ଲୁଣ ପ୍ରୟୋଗ କରାଯିବା ଉଚିତ୍ । ଦୈନିକ ମାଛମାନଙ୍କୁ ସେମାନଙ୍କର ଓଜନର ୨-୩% ତେଲ କେକ୍ ବ୍ରାନ୍ ମିଶ୍ରଣ ଖାଇବାକୁ ଦେବା ଉଚିତ୍ । |

### କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଚିଚକ | କୁକୁଡ଼ାମାନଙ୍କୁ ଶୀତରୁ ରକ୍ଷା କରିବା ପାଇଁ ପଲିଥିନ କିମ୍ବା ଅଖା ବସ୍ତାରେ ଘୋଡେଇ ଦିଅନ୍ତୁ \| କୁକୁଡା ଚିଆଁ ମାନଙ୍କ ପାଇଁ ୨ ୱାଟ ବଲ୍ବ ପ୍ରତି ଚିଆଁ ପିଛା ବନ୍ଦୋବସ୍ତ କରନ୍ତୁ । |